**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**26 December - 2024**

**News Editor : *Itishree Singh Rathaur***

# ପ୍ରେସିଡେଣ୍ଟ-ବାଲ୍ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୧୭ଜଣଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିବେ । କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଲାମାନଙ୍କୁ କଳା, ସଂସ୍କୃତି, ସାହସିକତା, ଉଦ୍‌ଭାବନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ସମାଜସେବା, କ୍ରୀଡ଼ା ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତିବର୍ଷ ବାଲ୍ ପୁରସ୍କାର ପ୍ରଦାନ କରାଯାଉଛି ।

# ବୀର୍ ବାଲ୍ ଦିବସ

ବୀର ବାଲ୍ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ବିଜେତାଙ୍କ ସହ ମତ ବିନିମୟ କରିବେ । ଏଥିସହ ପ୍ରଧାନମନ୍ତ୍ରୀ ସୁପୋଷିତ ଗ୍ରାମପଞ୍ଚାୟତ ଅଭିଯାନର ମଧ୍ୟ ଶୁଭାରମ୍ଭ କରିବେ । ସର୍ବଶ୍ରେଷ୍ଠ ଏକହଜାର ଗ୍ରାମ ପଞ୍ଚାୟତଙ୍କୁ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ । ୫୦ପ୍ରତିଶତ ପୁରସ୍କାର ରାଶି ଅଙ୍ଗନବାଡି କର୍ମୀ ସହାୟିକା ଏବଂ ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯିବ । ଅବଶିଷ୍ଟ ୫୦ ପ୍ରତିଶତ

ପୁରସ୍କାର ରାଶି ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକରେ ଚାଲିଥିବା ପୋଷଣ ସୁଧାର ପାଇଁ ଖର୍ଚ୍ଚ କରାଯିବ ।

ସୂଚନା ଅନୁସାରେ ୨୦୨୨ ମସିହାରେ ପ୍ରଧାନମନ୍ତ୍ରୀ ଗୁରୁ ଗୋବିନ୍ଦ ସିଂହଙ୍କ ପୁତ୍ର ସାହେବଜାଦାମାନଙ୍କୁ ସେମାନଙ୍କ ସାହସ ପାଇଁ ଶ୍ରଦ୍ଧାଞ୍ଜଳି ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨୬ ତାରିଖକୁ ବୀର ବାଲ୍ ଦିବସ ଭାବେ ପାଳନ କରାଯିବା ନେଇ ଘୋଷଣା କରିଥିଲେ ।

## ପଞ୍ଚଦଶ ଅର୍ଥ କମିଶନ

ପଞ୍ଚଦଶ ଅର୍ଥ କମିଶନ ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତିକୁ ମିଶାଇ ଓଡ଼ିଶା ପାଇଁ ମୋଟ୍ ୪୫୫କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଛନ୍ତି । ଏହି ଅର୍ଥରାଶି ୩୦ଟି ଜିଲ୍ଲାର ୩୧୪ଟି ବ୍ଲକରେ ଥିବା ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦର ବିଭିନ୍ନ ଗ୍ରାମୀଣ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯିବ । ଏଥିରେ ଘରୋଇ ବର୍ଜ୍ୟବସ୍ତୁର ପରିଚାଳନା ଏବଂ ବିଶୋଧନ, ପାନୀୟଜଳ ଯୋଗାଣ, ବର୍ଷାଜଳ ଅମଳ ପ୍ରକଳ୍ପ ଓ ଜଳ ପୁନଃ ବ୍ୟବହାରକ୍ଷମ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହାଦ୍ୱାରା ଗ୍ରାମାଞ୍ଚଳରେ ଥିବା ତୃଣମୂଳ ସଂଗଠନ ସୁଦୃଢ଼ ହୋଇପାରିବ । କେନ୍ଦ୍ର ସରକାର ଏହି ଅର୍ଥରାଶି ଓଡ଼ିଶାକୁ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କୃତଜ୍ଞତା ଜଣାଇଛନ୍ତି ।

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ଆସନ୍ତା ବର୍ଷ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ହିତାଧିକାରୀଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିଛନ୍ତି । ସୂଚନା ଅନୁସାରେ ଅଦ୍ୟାବଧି ପ୍ରଥମ କିସ୍ତିର ଅର୍ଥରାଶିକୁ ୩ଟି ପର୍ଯ୍ୟାୟରେ ୮୦ଲକ୍ଷ ହିତାଧିକାରୀଙ୍କୁ ଦିଆଯାଇଛି । ଆସନ୍ତା ମାସରେ ଚତୁର୍ଥ ପର୍ଯ୍ୟାୟରେ ବାକି ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ରାଶି ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି ।

# ଚାଷୀ ପଞ୍ଜିକରଣ

ରାଜ୍ୟରେ ଥିବା ଅଯୋଗ୍ୟ ଅଣଚାଷୀଙ୍କ ବଦଳରେ ସରକାର ପ୍ରକୃତ ଚାଷୀଙ୍କୁ ଚିହ୍ନଟ କରିବେ । ଏହି ପ୍ରକ୍ରିୟା ଆସନ୍ତା ମାସରୁ ଆରମ୍ଭ ହେବ । ପ୍ରକୃତ ଚାଷୀମାନଙ୍କର ନାମ ପଞ୍ଜିକରଣ କରାଯାଇ ସେମାନଙ୍କୁ ଏକ ପରିଚୟପତ୍ର ଓ ଡିଜିଟାଲ କୃଷକ କାର୍ଡ ଯୋଗାଇ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୧ ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଚାଲିବ । ଚାଷୀମାନେ ନିଜର ଆଧାର କାର୍ଡ, ଆଧାର ଲିଙ୍କ ଥିବା ଫୋନ୍, ଜମି ପଟା ଦାଖଲ କରି ଏହି ପଞ୍ଜିକରଣ କରିପାରିବେ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି । ପ୍ରଥମ ପର୍ଯ୍ୟାୟରେ ଶିବିର ମାଧ୍ୟମରେ ପିଏମ୍ କିଶାନ, ପ୍ରଧାନମନ୍ତ୍ରୀ ଫସଲ ବୀମା ଏବଂ କୃଷକ

ଓଡ଼ିଶାର ହିତାଧିକାରୀମାନଙ୍କ ପଞ୍ଜିକରଣ ଶେଷ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ଆବେଦନ ଗ୍ରହଣ ପ୍ରକ୍ରିୟା

ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ସହରୀ ଗୃହନିର୍ମାଣ ମିଶନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨ ପଏଣ୍ଟ ଜିରୋ ଅଧୀନରେ ଆବେଦନ ଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି । ଆବେଦନଗୁଡ଼ିକ ଅନ୍‌ଲାଇନରେ ଗ୍ରହଣ କରାଯିବ । ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଭୁବନେଶ୍ୱର ଗାଡକଣରେ ଏକ ଶିବିରର ଆୟୋଜନ କରାଯାଇଛି ।

## ରାଜ୍ୟସ୍ତରୀୟ ଯୁବ ଉତ୍ସବ

ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଯୁବ ଉତ୍ସବ ୨୦୨୪ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାରୁ ଚୟନ ହୋଇଥିବା ପ୍ରତିଯୋଗୀମାନେ ଲୋକନୃତ୍ୟ, ସଂଗୀତ, ଚିତ୍ରକଳା ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । କାର୍ଯ୍ୟକ୍ରମର ଶେଷଦିନରେ ଆଜି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ଏହି ବିଜେତାମାନେ ଆସନ୍ତାମାସ ୧୨ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଯୁବ ଉତ୍ସବରେ ଯୋଗଦେବେ ।

# ପରଲୋକ

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଦେବତାଗଡ଼ିହା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବାଳକୃଷ୍ଣ ଜେନାଙ୍କ ୧୦୦ ବର୍ଷ ବୟସରେ ପରଲୋକ ହୋଇଛି । ସ୍ୱର୍ଗତ ଜେନା ଛାତ୍ର ଅବସ୍ଥାରୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ ।

## ମହାକୁମ୍ଭ-ଟ୍ରେନ୍

ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆସନ୍ତା ମାସରୁ ଅନୁଷ୍ଠିତ ହେବାକୁ ଥିବା କୁମ୍ଭମେଳା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ରାଜ୍ୟର ବିଭିନ୍ନ ସହରରୁ ୫ଟି ଟ୍ରେନ୍ ଯାତ୍ରୀମାନଙ୍କୁ ନେଇ ସିଧାସଳଖ ପ୍ରୟାଗରାଜରେ ପହଞ୍ଚାଇବ। ଭୁବନେଶ୍ୱର-ତୁଣ୍ଡଲା-ଭୁବନେଶ୍ୱର, ପୁରୀ-ତୁଣ୍ଡଲା-ପୁରୀ, ଟିଟଲାଗଡ଼-ତୁଣ୍ଡଲା-ଟିଟିଲାଗଡ଼, ବିଶାଖାପଟନମ୍-ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ-ବିଶାଖାପଟନମ୍ ଏବଂ ବିଶାଖାପଟନମ୍-ଗୋରଖପୁର-ବିଶାଖାପଟନମ୍ ସ୍ୱତନ୍ତ୍ର ଟ୍ରେନ୍ କୁମ୍ଭମେଳା ପାଇଁ ଚଳାଚଳ କରିବ ।

# ପାରା ଆଥ୍‌ଲେଟିକ ଚାମ୍ପିୟନସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ପାରା ଆଥ୍‌ଲେଟିକ୍ ଚାମ୍ପିୟନସିପ୍ ଉଦ୍‌ଯାପିତ ହୋଇଛି । ଏହି ପ୍ରତିଯୋଗିତାର

ବିଜେତାମାନେ ଜାତୀୟ ପାରା ଆଥ୍‌ଲେଟିକ ଚାମ୍ପିୟନସିପ୍‌ରେ ଭାଗ ନେବେ ବୋଲି ଜଣାପଡିଛି ।